# NATIONAL NEWS BULLETIN (ODIA)
## 26th April' 2026
## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ।
- ନୀତି ଆୟୋଗର ପୁନର୍ଗଠନ ପରେ ଅାଶୋକ କୁମାର ଲାହିଡ଼ି ଆୟୋଗର ଉପାଧ୍ୟକ୍ଷ ନିଯୁକ୍ତ ।
- ପଶ୍ଚିମ ଏସିଆରେ ସୃଷ୍ଟି ପରିସ୍ଥିତି ମଧ୍ୟରେ ଦେଶରେ ପେଟ୍ରୋଲିୟମ୍ ଉତ୍ପାଦ ଓ ଏଲ୍.ପି.ଜି. ଯୋଗାଣ ସ୍ୱାଭାବିକ; କହିଲେ କେନ୍ଦ୍ର ସରକାର ।
- ପଶ୍ଚିମବଙ୍ଗ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ଆଜି ପ୍ରଚାର କାର୍ଯ୍ରେ ସାମିଲ୍ ହେବେ ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ୨ଟି ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ପଞ୍ଜାବ୍ କିଙ୍ଗସ୍ ବିଜୟୀ ।

— ଆଜି ଚେନ୍ନାଇ ଓ ଲକ୍ଷ୍ନୌରେ ଅନୁଷ୍ଠିତ ହେବ ୨ଟି ମ୍ୟାଚ୍ ।

— ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍‌ରେ ଦକ୍ଷିଣ ଆଫ୍ରିକାକୁ ୧୪ ରନ୍‌ରେ ପରାସ୍ତ କଲା ଭାରତ ।

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟାରେ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୩୩ତମ ସଂସ୍କରଣରେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଆକାଶବାଣୀରେ ଉଦ୍‌ବୋଧନ ଦେବେ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ Appରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ ।  ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ପି.ଏମ୍. - ନୀତି ଆୟୋଗ

କେନ୍ଦ୍ର ସରକାର ନୀତି ଆୟୋଗର ପୁନର୍ଗଠନ କରିଛନ୍ତି। ବର୍ତ୍ତମାନର ଉପାଧ୍ୟକ୍ଷ ସୁମନ କେ ବେରିଙ୍କ ସ୍ଥାନରେ ଅର୍ଥନୀତିଜ୍ଞ ଅଶୋକ କୁମାର ଲାହିଡିଙ୍କୁ ଆୟୋଗର ଉପାଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଛି। ଆୟୋଗର ପୂର୍ଣ୍ଣକାଳୀନ ସଦସ୍ୟ ଭାବରେ ରାଜୀବ ଗୌବା, ପ୍ରଫେସର କେ. ଭି. ରାଜୁ, ପ୍ରଫେସର ଗୋବର୍ଦ୍ଧନ ଦାସ, ଡକ୍ଟର ଏମ୍. ଶ୍ରୀନିବାସ ଏବଂ ପ୍ରଫେସର ଅଭୟ କରାନ୍ଦିକରଙ୍କୁ ନିଯୁକ୍ତ କରାଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ନୀତି ଆୟୋଗ ଭାରତର ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ।

ନୀତି ଆୟୋଗର ନବନିଯୁକ୍ତ ଉପାଧ୍ୟକ୍ଷ ଅଶୋକ କୁମାର ଲାହିଡି ଗତକାଲି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ୍ କରିଛନ୍ତି । ଶ୍ରୀ ମୋଦି’ ଶ୍ରୀ ଲାହିଡିଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଅର୍ଥନୀତି କ୍ଷେତ୍ରରେ ଭାରତର ବିକାଶମୂଳକ ଯାତ୍ରା ଆହୁରି ସୁଦୃଢ଼ ହେବ । ଶ୍ରୀ ମୋଦି ନବନିଯୁକ୍ତ ସମସ୍ତ ସଦସ୍ୟମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଗଭ୍ - ୱେଷ୍ଟ ଏସିଆ ବ୍ରିଫ୍

ସାରା ଦେଶରେ ପେଟ୍ରୋଲିୟମ ଉତ୍ପାଦ ଏବଂ ଏଲ୍.ପି.ଜି.ର ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ସରକାର ଅନେକ ପଦକ୍ଷେପ ନେଇଥିବା

କୁହାଯାଇଛି । ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଏଲ୍.ପି.ଜି. ଯୋଗାଣ କ୍ଷେତ୍ରରେ ଘରୋଇ ଯୋଗାଣକୁ ପ୍ରାଥମିକତା ଦିଆଯାଉଛି । ସାରା ଦେଶରେ ଅନଲାଇନ୍ ଏଲ୍.ପି.ଜି. ସିଲିଣ୍ଡର ବୁକିଂ ୯୯ ପ୍ରତିଶତକୁ ବୃଦ୍ଧି ପାଇଥିବାବେଳେ ବିତରଣ ପରିମାଣ ୯୪ ପ୍ରତିଶତରୁ ଅଧିକ ହୋଇଛି। ସୂଚନା ଅନୁଯାୟୀ ଦେଶର ସମସ୍ତ ବିଶୋଧନାଗାରଗୁଡ଼ିକରେ ୨୪ ଘଣ୍ଟିଆ କାର୍ଯ୍ୟ ଜାରି ରହିଛି ।

ପଶ୍ଚିମ ଏସିଆ ପରିସ୍ଥିତି ନେଇ ଦେଶରେ ଗ୍ରହଣ କରାଯାଇଥିବା ପରିସ୍ଥିତି ସମ୍ପର୍କରେ ଗଠିତ କ୍ୟାବିନେଟ୍ ମନ୍ତ୍ରିସ୍ତରୀୟ ବୈଠକରେ ଗତ ୨୪ ଘଣ୍ଟା ମଧ୍ୟରେ ଭାରତୀୟ ଜାହାଜ ସହିତ କୌଣସି ଘଟଣା ଘଟି ନ ଥିବା ଜଣାପଡ଼ିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ’ ପଶ୍ଚିମ ଏସିଆ କ୍ଷେତ୍ରରେ ଘଟୁଥିବା ଘଟଣା ଉପରେ ଦୃଷ୍ଟି ରଖିବା ସହ ସେହିସବୁ ଅଞ୍ଚଳରେ ଭାରତୀୟ ସମ୍ପ୍ରଦାୟର ସୁରକ୍ଷା ଏବଂ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ଉଦ୍ୟମ କରୁଛି।

## ମନୋହର ଲାଲ୍ - ହୁଡ୍‌କୋ

କେନ୍ଦ୍ର ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ କହିଛନ୍ତି, ସରକାର ଆଗାମୀ ଚାରି ବର୍ଷ ମଧ୍ୟରେ ସହରାଞ୍ଚଳ ଚ୍ୟାଲେଞ୍ଜ ପାଣ୍ଠି ଅଧୀନରେ ସହରଗୁଡ଼ିକର ବିକାଶ ପାଇଁ ଏକ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବେ। ନୂଆଦିଲ୍ଲୀରେ ଦ ହାଉସିଂ ଆଣ୍ଡ ଅର୍ବାନ୍ ଡେଭଲପମେଣ୍ଟ

କର୍ପୋରେସନ ଲିମିଟେଡ୍ - ହୁଡ୍କୋ'ର ୫୬ତମ ପ୍ରତିଷ୍ଠା ଦିବସ ସମାରୋହରେ ଉଦବୋଧନ ଦେଇ ସୂଚନା ଦେଇ ଶ୍ରୀ ଲାଲ କହିଛନ୍ତି, ରାଜ୍ୟ ସରକାରଗୁଡ଼ିକ ଏହି ଯୋଜନାରେ ଅଧିକ ଏକ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବେ। ଅର୍ବାନ୍ ଚ୍ୟାଲେଞ୍ଜ ପାଣ୍ଠିକୁ ସୁଦୃଢ଼ କରିବା ଲାଗି କେନ୍ଦ୍ର ସରକାର ଏକ ଲକ୍ଷ କୋଟି ଟଙ୍କାର ସହାୟତା ମଞ୍ଜୁର କରିଛନ୍ତି।

ଶ୍ରୀ ଲାଲ କହିଛନ୍ତି, ହୁଡ୍କୋ ଏହାର ପ୍ରତିଷ୍ଠା ପରଠାରୁ ନିରନ୍ତର ଭାବେ ଅଗ୍ରଗତି କରୁଛି ଏବଂ ସହରାଞ୍ଚଳ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ସେ କହିଛନ୍ତି, ଦିଲ୍ଲୀ ମେଟ୍ରୋ ଷ୍ଟେସନ ନିକଟବର୍ତ୍ତୀ ଅଞ୍ଚଳରେ ଖୁବ୍‌ଶୀଘ୍ର ହୁଡ୍କୋ ଅଧୀନରେ ବୃହତ୍ ଆବାସ ପ୍ରକଳ୍ପ ଆରମ୍ଭ କରାଯିବ।

## ଡବ୍ଲ୍ୟୁ.ବି. ରେକର୍ଡ଼ ଟର୍ଣ୍ଣଆଉଟ୍

ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ମତଦାନ ଯାଞ୍ଚ ପରେ, ମତଦାନ ହାର ୯୩ ଦଶମିକ ୧/୯ ପ୍ରତିଶତକୁ ବୃଦ୍ଧି ପାଇଛି। ସ୍ୱାଧୀନତା ପରଠାରୁ ଏହା ସର୍ବାଧିକ ବୋଲି ନିର୍ବାଚନ କମିଶନ କହିଛନ୍ତି। କୁଚ୍ ବିହାର ଜିଲ୍ଲାରେ ସର୍ବାଧିକ ୯୬ ଦଶମିକ ୨ ପ୍ରତିଶତ ମତଦାନ ହୋଇଥିବାବେଳେ କାଲିମ୍‌ପଙ୍ଗରେ ସର୍ବନିମ୍ନ ୮୩ ଦଶମିକ ୦/୪ ପ୍ରତିଶତ ମତଦାନ ରେକର୍ଡ଼ ହୋଇଛି।

ଏହି ପର୍ଯ୍ୟାୟରେ ମୋଟ୍ ୩୬ ଲକ୍ଷ ୭୭ ହଜାର ୩୦୪ ଭୋଟରଙ୍କ ମଧ୍ୟରୁ ୩୩ ଲକ୍ଷ ୬୨ ହଜାର ୧୬୮ ଜଣ ସେମାନଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିଛନ୍ତି । ସେମାନଙ୍କ ମଧ୍ୟରେ ପୁରୁଷ ଭୋଟରଙ୍କ ସଂଖ୍ୟା ୧୭ ଲକ୍ଷ ୮୧ ହଜାର ୮୪୯ ଓ ମହିଳା ଭୋଟରଙ୍କ ସଂଖ୍ୟା ୧୬ ଲକ୍ଷ ୫୪ ହଜାର ୬୫ ଥିଲା।

## ଡବ୍ଲ୍ୟୁ.ବି. କ୍ୟାମ୍ପେନିଂ

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ବିଭିନ୍ନ ରାଜନୈତିକ ଦଳର ତାରକା ପ୍ରଚାରକମାନେ ରାଲି, ରୋଡଶୋ ଏବଂ ସଭା ମାଧ୍ୟମରେ ଭୋଟରଙ୍କୁ ଆକର୍ଷିତ କରିବାକୁ ଚେଷ୍ଟା କରୁଛନ୍ତି। ବରିଷ୍ଠ ବିଜେପି ନେତା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଦଳୀୟ ପ୍ରାର୍ଥୀଙ୍କ ସମର୍ଥନରେ ଅନେକ ରାଲିକୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି।

ଗତକାଲି ବି.ଜେ.ପି.ର ବରିଷ୍ଠ ନେତାଙ୍କ ସମେତ ତୃଣମୂଳ କଂଗ୍ରେସ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିର୍ବାଚନୀ ପ୍ରଚାର କରିଥିଲେ ।

# ଇରାନ୍-ୟୁ.ଏସ୍. ଟକ୍ସ

ଇରାନୀ ଗଣମାଧ୍ୟମର ସଦ୍ୟତମ ସୂଚନା ଅନୁଯାୟୀ, ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘାଚି ବର୍ତ୍ତମାନ ଓମାନରେ ଅଛନ୍ତି । ସେ ରୁଷ ଗସ୍ତ କରିବା ପୂର୍ବରୁ ପୁଣି ଥରେ ପାକିସ୍ତାନର ଇସଲାମାବାଦ ଯିବାର ସମ୍ଭାବନା ରହିଛି । ଶ୍ରୀ ଆରାଘାଚି ଗତକାଲି ପାକିସ୍ତାନର ଶୀର୍ଷ ନେତାମାନଙ୍କ ସହିତ ଆଲୋଚନା କରି ତେହେରାନର ଦାବି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ ।

ଆରାଘାଚି ପାକିସ୍ତାନ ଛାଡିବା ପରେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଥିଲେ, ଆମେରିକୀୟ ଆଲୋଚନାକାରୀ ଷ୍ଟିଭ ୱିଟକଫ ଏବଂ ଜାରେଡ କୁଶନର ଆଉ ଇରାନ ସହିତ ଆଲୋଚନା ପାଇଁ ଇସଲାମାବାଦ ଯିବେ ନାହିଁ । ସେ କହିଥିଲେ, ବିଭିନ୍ନ କାରଣ ଯୋଗୁଁ ସେମାନଙ୍କ ଯାତ୍ରା ବାତିଲ୍ କରାଯାଇଛି । ଶ୍ରୀ ଟ୍ରମ୍ପ କହିଥିଲେ, ଆମେରିକା ପାଖରେ ସମସ୍ତ ବିକଳ୍ପ ରହିଛି; କିନ୍ତୁ ତେହେରାନ୍‌ରେ ନେତୃତ୍ୱ ନେଇ ଅନ୍ତର୍ଦ୍ୱନ୍ଦ୍ୱ ଆରମ୍ଭ ହୋଇଛି । ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି, ଇରାନର ନେତୃତ୍ୱ କିଏ ନେଉଛନ୍ତି, ତାହା ଏପର୍ଯ୍ୟନ୍ତ ଅନିଶ୍ଚିତ ରହିଛି ।

## ଇସ୍ରାଏଲ୍ ଲେବାନନ୍

ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ' ଇସ୍ରାଏଲ ପ୍ରତିରକ୍ଷା ବାହିନୀକୁ ଲେବାନନରେ ହିଜବୋଲା ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ ଜୋର୍‌ଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି, ମଧ୍ୟପ୍ରାଚ୍ୟରେ ସୃଷ୍ଟି ହୋଇଥିବା ପରିସ୍ଥିତିରେ ଏହି ଆକ୍ରମଣ ବଡ଼ ପରିବର୍ତ୍ତନ କରିବ । ଇସ୍ରାଏଲ ସରକାରଙ୍କ ଏକ ପ୍ରେସ୍ ସୂଚନା ଅନୁଯାୟୀ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ଶ୍ରୀ ନେତାନ୍ୟାହୁଙ୍କ ଫଳପ୍ରଦ ଆଲୋଚନା ହୋଇଛି । ସେ କହିଛନ୍ତି, ଉଭୟ ଦେଶ ପୂର୍ଣ୍ଣ ସହଯୋଗରେ କାର୍ଯ୍ୟ କରୁଛନ୍ତି। ଇସ୍ରାଏଲ୍ ଏବଂ ଲେବାନନ୍ ମଧ୍ୟରେ ଶାନ୍ତି ସ୍ଥାପନ ଲାଗି ଉଦ୍ୟମ କରାଯାଉଥିବାବେଳେ ହିଜ୍‌ବୋଲା ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ଆକ୍ରମଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଶ୍ରୀ ନେତାନ୍ୟାହୁ କହିଛନ୍ତି, ଆକ୍ରମଣ ଜାରି ରହିଛି । ଇସ୍ରାଏଲ ପ୍ରତିରକ୍ଷା ବାହିନୀ ସୂଚନା ଅନୁଯାୟୀ ଗତବର୍ଷ ଅକ୍ଟୋବର ୭ ତାରିଖରେ ଇସ୍ରାଏଲ ଅନୁପ୍ରବେଶ କରିଥିବା ଜଣେ ଆତଙ୍କବାଦୀକୁ ନିପାତ କରାଯାଇଛି ।

## କଲମ୍ବିଆ ଆଟାକ୍

ଦକ୍ଷିଣ-ପଶ୍ଚିମ କଲମ୍ବିଆର କାଜିବିଓ ଅଞ୍ଚଳରେ ଏକ ବସ୍‌ରେ ବିସ୍ଫୋରଣ ଘଟିବାରୁ ସାତ ଜଣ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ୧୭ରୁ ଅଧିକ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ବସ୍‌ଟିରେ ପରିବହନ

କରାଯାଉଥିବା ବିସ୍ଫୋରକ ସାମଗ୍ରୀ ଆପେ ସକ୍ରିୟ ହୋଇ ବିସ୍ଫୋରଣ ଘଟିଥିଲା । କଲମ୍ବିଆର ସଶସ୍ତ୍ର ବାହିନୀର କମାଣ୍ଡର ଜେନେରାଲ ହୁଗୋ ଲୋପେଜ୍ ଏହି ବିସ୍ଫୋରଣକୁ ଆତଙ୍କବାଦୀ କାର୍ଯ୍ୟ ବୋଲି ବର୍ଣ୍ଣନା କରିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ - ପଦ୍ମ

'ଆକାଶବାଣୀରେ ଲୋକଙ୍କ ପଦ୍ମ' ଶୀର୍ଷକ ଧାରାବାହିକରେ ଆଜି ଭାରତର ମହାକାଶ ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟା ବିକାଶରେ ଅବଦାନ ଦେଇଥିବା ମହାକାଶବିଜ୍ଞାନୀ ଡକ୍ଟର ଶୁଭା ଭେଙ୍କଟେଶ୍ ଆୟଙ୍ଗର୍‌ଙ୍କ ସହ ଆଲୋଚନା ପ୍ରସାରଣ କରାଯିବ । ମହାକାଶ ଗବେଷଣା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ପଦ୍ମଶ୍ରୀରେ ସମ୍ମାନିତ କରାଯିବ।

ଏହି ବାର୍ତ୍ତାଳାପ ଆଜି ସକାଳ ୯ଟା ୧୦ ମିନିଟ୍‌ରେ ୧୦୦ ଦଶମିକ୍ ୧ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍‌ରେ ପ୍ରସାରଣ କରାଯିବ । ଏହି କାର୍ଯ୍ୟକ୍ରମ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଆପ୍ ଓ ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଉପଲବ୍ଧ ହେବ ।

# ଆଇ.ପି.ଏଲ୍. କ୍ରିକେଟ୍

ଆଇ.ପି.ଏଲ୍. କ୍ରିକେଟ୍‌ରେ ଗତକାଲି ଜୟପୁରର ସୱାଇ ମାନସିଂହ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ୫ ୱିକେଟ୍‌ରେ ରାଜସ୍ଥାନ ରୟାଲ୍‌ସକୁ ପରାସ୍ତ କରିଛି । ୨୨୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ସନ୍‌ରାଇଜର୍ସ ହାଇଦ୍ରାବାଦ ୧୮ ଓଭର ୩ଟି ବଲ୍‌ରେ ୫ ୱିକେଟ୍ ହରାଇ  ବିଜୟ ହାସଲ କରିଛି । ବୈଭବ ସୂର୍ଯ୍ୟବଂଶୀ ଚିତ୍ତାକର୍ଷକ ବ୍ୟାଟିଂ କରି ୩୭ଟି ବଲ୍‌ରେ ୧୦୩ ରନ୍ ସ୍କୋର୍ କରିଥିଲେ ।

ନୂଆଦିଲ୍ଲୀର ଅରୁଣ୍ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ପଞ୍ଜାବ କିଙ୍ଗ୍‌ସ ୬ ୱିକେଟ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସକୁ ପରାସ୍ତ କରିଛି ।

ଆଜି ଆଇ.ପି.ଏଲ୍. କ୍ରିକେଟ୍‌ରେ ୨ଟି ମ୍ୟାଚ୍ ଖେଳାଯିବ । ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସ ଏବଂ ଗୁଜରାଟ ଟାଇଟନ୍‌ସ ମଧ୍ୟରେ ଓ ଲକ୍ଷ୍ନୌର ଭାରତରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ୍ ଷ୍ଟାଡିୟମ୍‌ରେ କୋଲକାତା ନାଇଟ୍ ରାଇଡର୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

## ୱିମେନ୍ - ଟ୨୦

ଜୋହାନ୍ସବର୍ଗରେ ଗତକାଲି ଅନୁଷ୍ଠିତ ଚତୁର୍ଥ ମହିଳା ଟି-୨୦ କ୍ରିକେଟ୍ ମ୍ୟାଚ୍‌ରେ ଭାରତ' ୧୪ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟରେ ୧୮୫ ରନ ସ୍କୋର୍ କରିଥିଲା । ଜବାବ୍‌ରେ ଦକ୍ଷିଣ ଆଫ୍ରିକା ୨୦ ଓଭର୍‌ରେ ୯ ୱିକେଟ୍ ବିନିମୟରେ ୧୭୧ ରନ୍ କରିବାକୁ ସକ୍ଷମ ହୋଇଥିଲା । ଭାରତର ଦୀପ୍ତି ଶର୍ମା ଅପରାଜିତ ୩୬ ରନ କରିଥିବାବେଳେ ଜେମିନା ୨୯ଟି ବଲ୍‌ରୁ ୪୩ ରନ୍ ସ୍କୋର୍ କରିଥିଲେ ।  ଦୀପ୍ତି ଶର୍ମାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

## ଆଇ.ପି.ଏଲ୍.

ନୂଆଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ଗତକାଲି ପଞ୍ଜାବ କିଙ୍ଗସ୍ ବିପକ୍ଷରେ ଆଇପିଏଲ୍ ମ୍ୟାଚ୍ ସମୟରେ ମୁଣ୍ଡରେ ଆଘାତ ଲାଗିବା ଯୋଗୁଁ ଦିଲ୍ଲୀ କ୍ୟାପିଟାଲ୍ସର ବୋଲର ଲୁଙ୍ଗି ଏନଗିଡିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

ଦ୍ୱିତୀୟ ଓଭରର ତୃତୀୟ ବଲ୍‌ରେ ଅକ୍ଷର ପଟେଲଙ୍କ ବୋଲିଂରୁ କ୍ୟାଚ୍ ଧରିବାକୁ ଚେଷ୍ଟା କରୁଥିବାବେଳେ ଏଭଳି ଘଟିଥିଲା ।

*****